# ଗଛ, ତୁ କାହିଁକି ମଲୁ?

*କବି ରଘୁନାଥ ଦାସ*

(୧)

ଭୀମାସେଠୀ କି ତରାବୋଉ ମନରେ ନଥିଲା, ଦିନଟା ଏଡ଼େ ସୁରୁଖୁରୁରେ ଯିବ ବୋଲି , ତରା ଯେଉଁଭଳି ଚଟି ଯାଉଥିଲା।

ତରା ଯେବେ ରାଗେ ଲୁଗାସିଝା ହାଣ୍ଡିରୁ ଗୋଟାଏ ଅଧେ ଭାଙ୍ଗେ , କଚା ଲୁଗାସବୁ ପୁଣି ମଶିଆ ହୁଏ, ଖରା ପାଉଁଶ କେତେ ଖତଗଦାରେ କୁଢ଼ାହୁଏ, ବିଲେଇର କପାଳ ଫିଟେ, କଲରା ଗଛର ଡଙ୍କ ସବୁ ଛିଣ୍ଡିପଡ଼େ, ତରା ହାତରୁ କାଚ ପଟେ ଖଣ୍ଡେ ତୁଟେ, ମେଣ୍ଢା ଦି'ଟା ସେଦିନ ଆଉ ଦୁବଘାସ ନପାଇ ରଡ଼ିଲେ ବାଡ଼ିଘର ଉଠାନ୍ତି ପକାନ୍ତି। ଥରେ ଯେଉଁଦିନ ବିଗିଡ଼ିଯାଇଛି ସେଦିନ ରାତି ପହରକ ଯାଏଁ ଆଉ ଶାନ୍ତି ନାହିଁ, ଫିଙ୍ଗା ଫୋପଡ଼ା , ପାଟିତୁଣ୍ଡ, ଗାରୁଗାରୁ , ମୁହଁ ଫଣଫଣ, ଗୋଡ଼ କଚଡ଼ା, ରୁଷା, ଗାଳିମନ୍ଦ, ଫଉଜଦାରୀ। ତରାର ରାଗ ଥମିବାକୁ ଅନେକ ସମୟ ଲାଗେ ଗୋଟାଏ ପୂରାଦିନ।

କିନ୍ତୁ ସେଦିନ ଜମିଦାରଙ୍କ ଘର ଲୁଗା ନେଇ ଫେରୁଥିବା ବେଳେ ତରା ମୁହଁରେ ହସ ଫାଟି ପଡୁଥିଲା ।

"କିଲୋ ତରା, ଭାରି ହସୁଚୁ?" ତରା ବୋଉ ବିସ୍ମୟ ପ୍ରକାଶ ନ କରି ରହିପାରିଲା ନାହିଁ, "ସାଆନ୍ତ ଘର କୋଉଠୁ ଭାର ଆସିଥେଲା କି?"

"ହଁ, ଭାରଟି? ତୋ ମୁହଁରେ ଅଜାଡ଼ି ଦଉଥେଲେ।" ତରା ହସର କୁରୁଡ଼ିରେ ଉଚ୍ଛୁଳି ପଡ଼ିଲା। "ଏତେ କାହିଁକି ଭାର ଖାଉଛ ମାଁ।"

ହାଣ୍ଡି ଭାଙ୍ଗି ନାହିଁ, ଗୋଡ଼ କଚଡ଼ାରେ ଭୂଇଁ ଦୁଲୁକୁ ନାହିଁ। ତରାର ହସରେ ଘର ଓ ବାହାର ପୂରି ଯାଇଛି, ତରା କାନ୍ଥ, ଚୁଲି, ବିଲେଇ, ମେଣ୍ଢା  ଓ କଲରା ଗଛ ସହିତ କଥାବାର୍ତ୍ତା କରିଚି, କାନସିରି ଶାଗ ଖରଡିଚି, ଶୁଖୁଆ ପୋଡ଼ିଚି ଓ ବାପ ଖୁସିପାଏ ବୋଲି ସପନି ନାନୀ ବାଡ଼ିରୁ ପିଆଜ ଶଣ୍ଢା ଦି'ଟା ମାରି ଆଣିଛି, ବୋଉ ହାତରୁ ନିଆଁଖୁଣ୍ଟା ଛଡ଼େଇ ଆପେ ଲୁଗା ସିଝେଇ ବସିଚି।

ଛାଇ ନେଉଟିଲା, ଭୀମା ପଦ୍ମପୋଖରୀ ତୁଠରୁ ଲୁଗା ଶୁଖେଇ ଘରକୁ ଫେରିଲା , ତରା ପିଢ଼ାଟାଏ ପକେଇ ଦେଲା, ପଖାଳ କଂସା ,ଶୁଖୁଆ ପୋଡ଼ା, ଶାଗ ଖରଡ଼ା ଓ ପିଆଜ ଶଣ୍ଢା ଆଣି ବାପା ପାଇଁ ବାଢ଼ିଦେଇ ବାରିରୁ କଂଚା ଲଙ୍କା ପୁଞ୍ଜାଏ ତୋଳି ଆଣିଲା।

"ବାପା ଲଙ୍କା ନିଏ।" ତରାବାପା ଖାଇବାଠେଇଁ ବସିରହିଲା। "ମୋ ତରା ପରି ଝିଅଟିଏ ପରା ଦେଖିବ ନାଇଁ ।" କଂଚା ଲଙ୍କାରୁ ଧରେ କାମୁଡ଼ି ଭୀମା ତାବୋଉକୁ କହିଲା-

www.jatayu.org

# ଗଛ, ତୁ କାହିଁକି ମଲୁ?

କବି ରଘୁନାଥ ଦାସ

"ଝିଅ ତ , କୋଉ ପୁଅ ହେଇଛି।"

"ଦିଅଁ ଆମକୁ ପୁଅ ଦେଇନାହାନ୍ତି, ତରାକୁ ଦେଇଛନ୍ତି, ସେଇ ଆମର ଢେର । ତରା, ନୋଇଲେ ଆଉ ଗୋଟାଏ।"

ତରାବୋଉ ଆଉ କିଛି ନ କହି ସିଝା ଲୁଗାକୁ ଚୁପୁଡ଼ି ଜମାକରୁଥାଏ । "ବାପା- ଆମର ଗୋଟାଏ ଇସ୍ତିରୀ କିଣନ୍ତେ ନାଇଁ?" ତରାର କଣ୍ଠରେ ଥିଲା ଶିଶୁର ଅଳି,ତାରୁଣ୍ୟର ଉତ୍ସାହ ଓ ଗୃହିଣୀର ପରିକଳ୍ପନା ।

"କାଇଁଲୋ," ଆଉ ଗୁଣ୍ଡାଏ ପାଟିକୁ ନେଇ ଭୀମା କହିଲା,

"ଶୁଣିଲଟି, ତରାର ଆମର ଇସ୍ତିରୀଟିଏ କିଣିବାକୁ ମନ ହଉଚି।"

"ତା ପାଇଁ ଗୋଟିଏ କୋଉଠୁ ସହରିଆ ବରଟିଏ ବୁଝ ଯେ ନିଇତି କେତେ ଇସ୍ତିରୀ ଦଉଥିବ । ଇଏ ଆମ ମଫସଲରେ ସାତ ମହଳ ଲୁଗା ଛାଡ଼ିବେ ନାହିଁ, ବାସିଧୋବ ପିନ୍ଧୁଚି କିଏ ଯେ, ଇସ୍ତିରୀ ଖୋଜା ପଡ଼ିଚି ।"

"ସବୁ କଥାକୁ ତୋର ଗୋଟାଏ ନାଇଁ। ଭାରି ଜାଣିଚୁ ଏକା, ବାସିଧୋବ ପିନ୍ଧିବାକୁ ନୋକ ନାହାନ୍ତି ବାକି!! ତତେ ମୁଁ ପଇସା ମାଗୁନାଇଁ।ମୋ ପଇସାରେ ମୁଁ କିଣିବି।"

ବସିଲା ଥାନରୁ ତରା ଉଠିଗଲା , କାନ୍ଥକୁ ଖୋଳି ମାଟି ଘଡ଼ିଟିଏ ଆଣି ବାପା ଆଗରେ ଥୋଇଦେଲା ।

"ବାପା, ଏଇ ହବ ନାଇଁ? ସାତ ସୁଉକି ଅଛି।"

"ହଁ,ହଁ, କିଣିଦେବି ଲୋ, ମୋ ଝିଅ କହିଲାଣି; " ଭୀମା ସେଠୀର ସିଝା ମୁହଁରେ ଯେଉଁ ହସ ଦେଖାଗଲା, ସେଥିର ଅଧିକ ଭାଗ ଝିଅର ପ୍ରଶଂସା।

"ସେଠୀ ଘର ହେଇ ଇସ୍ତିରୀଟିଏ ନାଇଁ, କି ଲାଜ କଥା ଇଏ। ଆଜି ଜମିଦାର ସାଆନ୍ତଙ୍କ ଘରକୁ ଲୁଗା ପେଇଁ ଯାଇଥିଲି ଯେ ସାଆନ୍ତଙ୍କ ପୁଅ ଆସିଚନ୍ତି, କଟକରେ ପରା ପଢ଼ା କରୁଚନ୍ତିସେ,ବେଶୀ ପଢ଼ା, ଆସିଛନ୍ତି ଗାଁକୁ ଛୁଟିରେ, ଲୁଗା ଦେଲେ, ମତେ କହିଲେ, "ଟାଣ ଇସ୍ତିରୀ କରିବୁ।" ରଥ ଗୋସେଇଁ ଥେଲେ, ବିଶି ସ୍ବାଇଁ, ନୀଳା ବାରିକ, ସତୁରା, ଆଉ କେତେ ନୋକ, ସମସ୍ତେ ତ ହସିଲେ, କହିଲେ,"ଏଠି ବାବୁ ତମ ସହରିଆ କଥା ଚଳିବ ନାହିଁ । ସେ କି ଇସ୍ତିରୀ ଫିସ୍ତିରୀ ଜାଣେ, କାଟିକରି ଆଣିଦେବ।" ଆଖିଛୁଇଁ କହୁଚି ବାପା, ମୁହଁ ମୋର ଜଳିଗଲା । ଓଃ, ମନ ହେଉଥାଏ, ଏଇନାଏଁ ମୋ ପ୍ରାଣ ଛାଡ଼ି ଯାଆନ୍ତା କି ଏ ଲାଜ ସହନ୍ତି ନାହିଁ, ଇସ୍ତିରୀ ଖଣ୍ଡେ ନାହିଁ ବୋଲି ସିନା ଏଡ଼େ କଥା!"

www.jataayu.org

# ଗଛ, ତୁ କାହିଁକି ମଲୁ?

କବି ରଘୁନାଥ ଦାସ

"ଝିଅକୁ ମୋର ବାଧିଚି , । ପୁଷପୁନେଇଁ ଯାତ ହଉ, ଯାତକୁ ନିଶ୍ଚେ ଆଣିବି ଦେଖିବୁ ନାଇଁ ।"

(୨)

ଗାଁରେ ପଟ୍ଟନାୟକ ଘର ଚଳାଚଳ ଟିକିଏ ଭଲ, ବିଲ ବାଟିଏ ଦି' ବାଟି ଅଛି। ଧାନ ଆଉ ଟଙ୍କା କରଜବାରଜ ଲାଗେ । ପାଖ ଆଖର ଲୋକେ ସମୟ ଅସମୟରେ ତାଙ୍କ ଦୁଆରେ ହାତ ପତାନ୍ତି। ସେହି ଯୋଗୁଁ ସାଧାରଣ ଲୋକେ ତାଙ୍କୁ ଜମିଦାର ମାନିଆ କରିଥାନ୍ତି, ଜମିଦାର ବଉଁଶ ବୋଲି କହନ୍ତି।

ଜମିଦାରଙ୍କ ବଡ଼ପୁଅ ଶଙ୍କର ଏବେ କଲେଜ୍‌ରେ ପଢୁଚି। ଅଧିକାଂଶ ସମୟ ସେ ଥାଏ ସହରରେ। ଛୁଟିରେ କେତେବେଳେ କେବେ ଗାଁକୁଆସେ କୁଣିଆ ଭଳି। ଶଙ୍କରର ଗାଁ- ଲୋକଙ୍କ ସହିତ ମିଳାମିଶା ବିଶେଷ ନଥାଏ।

ଜମିଦାରଙ୍କ ଘରୁ ଲୁଗା ନବାକୁ ଆସି ତରା ଯେଉଁ ଅପମାନ ପାଇଲା ସେଥିରେ ତା'ର ମନରେ ପ୍ରଥମ ଚିନ୍ତା ହେଲା, ଇସ୍ତିରୀ ଗୋଟାଏ ଆଣିବାକୁ, ଇସ୍ତିରୀ ମଧ୍ୟ ଆସିଲା।

ତରାବୋଉ ପ୍ରତବାଦ କରି କହିଲା, "ନଅ ସୁଉକା! ବୁଦ୍ଧି ତ? ହଇଲୋ ସେ ନଅସୁଉକା ପଇସା ରଖିଥୋଇ ତୋ ଗୋଡ଼କୁ ଦରବଟିଏ ଗଢ଼େଇ ଦେଇ ନଥାନ୍ତେ"

"ନହେଲା ନାଇଁ"

"ମୋର କ'ଣ ଯାଉଚି କି? ତୁ ସିମିତି ଘଇତା  ଘରକୁ ଖାଲି ଗୋଡ଼ରେ ଯିବୁ।"

"ଗଲେ ଗଲି, ଯା" ତରା ଚିଡ଼ିଗଲା । ଇସ୍ତିରୀଟା ପାଇଁ ତରାର ମନ ଏପରି ଆନନ୍ଦ ହୋଇଥିଲା ଯେ କୌଣସି ପ୍ରତିବାଦ ତାହାର ଦେହସୁହା ହେବାର ନୁହେଁ ।

ଶଙ୍କର କେବେ ଗାଆଁକୁ ଆସିଚେ, ତରା ସାତଥର କରି ମାଆ ସାଆନ୍ତାଣୀଙ୍କଠୁ ପଚାରି ବୁଝେ। ଏତେ ଫଟେଇ ହୋଇ ପଚାରିବାରେ ସାଆନ୍ତାଣୀ ବିରକତ ହୋଇଯାଆନ୍ତି।

"କାଇଁକିଲୋ, ମୋ ପୁଅ ଆସିବା ନଆସିବା ତୋର କିଆଁ ଏତେ ନୋଡ଼ା ପଡ଼ିଚି ମ ?"

ସାଆନ୍ତଘର  ଚାକରାଣୀ ଗେହ୍ଲି କହେ, "ପଡ଼ିବ ନାଇଁ, ଯାହାର ଖାଇ ତାହାର ଗାଇ। ଶଙ୍କର ସାଆନ୍ତ ପରା ଆରଥର ତାକୁ ଚାରିପଇସା ଦେଇଥେଲେ ଯେ, ସେଇଯୋଗୁ ଖୋଜୁଛି।"

www.jataayu.org

# ଗଛ, ତୁ କାହିଁକି ମଲୁ?

କବି ରଘୁନାଥ ଦାସ

କଥାଟା ସାଆନ୍ତାଆଣୀଙ୍କ ମନକୁ ପାଏ, “ହାଁ, ହାଁ,କଥା ସେଇଠି” ତରା କହେ- “ଶଙ୍କର ସାଆନ୍ତ ଭାରି ଭଲ ମଣିଷ ନାଇଁଲୋ ଗେହ୍ଲି?” ହସ ଉଠେ।

“ଯୋଉ ତ ସଫା କରୁଚୁ, ଏଥିରେ ୟାକୁ ପଇସା ଦିଆ ହଉଚି, କାଇଁକି ମ ?”

“ଦେଖିବ ନାଇଁ-” ବଡ଼ ଦାୟିକତାରେ ତରା ଜବାବ ଦିଏ। ଶଙ୍କର ଯେବେ ଗାଁକୁ ଆସେ ତରା ଛଡ଼ା କେହି ଜମିଦାରଙ୍କ ଘରକୁ ଲୁଗା ପାଇଁ ଯିବେନାହିଁ। ତରା ଯିବ ଯେ  ଓଳିଗୋଟା ସେହିଆଡ଼େ ଲାଖିଥିବ । ଶଙ୍କର କିପରି ବସିଛି, କିପରି ଚାଲୁଛି, ତା'ର ଲୁଗାପିନ୍ଧା କିପରି, କିପରି ଆପେ ଆପେ କଳଖୁରରେ ଛଅର ହେଉଛି, କିଭଳି ଟେରୀ କାଟିଛି, କିଭଳି କଥାଭାଷା ; ସବୁ ତରାର ନିରୀକ୍ଷଣର ବସ୍ତୁ। ସେ ଛିଡ଼ା ହେଇ ରହେ , କିନ୍ତୁ ବୁଝି ପାରେନା, କେହି ବୁଝିପାରନ୍ତି ନାହିଁ, କାହିଁକି ସେ ଛିଡ଼ା ହେଇଚି। ହୁଏତ ସେଇ ଛିଡ଼ା ହେବାରେ ତାର ଥିଲା ଆନନ୍ଦ, ତା'ର ଆତ୍ମାର ନିର୍ବାଣ ।

ଶଙ୍କରର ଲୁଗା ଭୀମା ଯେତେ କାଚିଲେ ବି ତରାର ମନକୁ ଯାଏ ନାହିଁ ।

“ବାପା ଆଉ ଦି'ଟା ପାହାର ଦିଅ।” ଶେଷକୁ ଆପେ କାନିରେକୁ ଅଣ୍ଟାରେ ଗୁଡ଼େଇ ଦେଇ କାଚି ବଶେ ।

“ସହରିଆ  ବାବୁଟି, ଆମର ଧୋବ ଯିଏ,ସିଏ ତାଙ୍କ ମହଳା।” ତରା ଭୀମାକୁ ବୁଝାଏ । ଭୀମା ଇସ୍ତିରୀ ଦିଏ,ତରା ମନକୁ ପାଏ ନାହିଁ।”

“ଏତେ ଦିନ ତ ଲୁଗା କାଚୁଥେଲେ,କିଏ ହେଲେ ପଇସାଟାଏ ଦଉଥେଲା ?” ତରା ଧୋତି ଧଡ଼ି ଉପରେ ଇସ୍ତିରୀ ଚଳାଏ, ଶଙ୍କରର ଲୁଗା ଆଉକାହାର ଲୁଗା ସହିତ ମିଶିବ ନାହିଁ। ତା ଦିହରେ ମଶିଆ ହାତ ଲାଗିବ ନାହିଁ।

ତରା ଯେବେ ବାସିଲୁଗା ନେଇ ଜମିଦାର ଘର ଦୁଆରେ ଛିଡ଼ାହୁଏ,ତା ଛାତିଟା ଦପ୍ ଦପ୍ ପଡ଼େ । ଶଙ୍କର ଯେତେବେଳେ ଲୁଗାର ସାପ୍ ଦେଖେ , ତରା  ନିରିଖେଇ, ଅନାଏ ଶଙ୍କର ମୁହଁକୁ।

“ହଁ, ହେଉଚି,” ଶଙ୍କରର ଶୁଖିଲା କଥାରେ ତରା ଏତେ ଉଲୁସି ଉଠେ ଯେ ସେ ହସି ପକାଏ।

(୩)

ଡିବି ଡିବି ଡିବି ଯୋଡ଼ି ନାଗରା ବାଜିଲା। ତେଲିଙ୍ଗି ବାଜା ଦାଣ୍ଡ ଉଛୁଳେଇ ପକେଇଲା। ଢୋଲ ବାଜିଲା ବଡ଼ କାଠ ବାଜିଲା ହୁଳହୁଳିରେ ଘର ଦୁଲୁକିଲା । ଡାକହାକରେ ବାହାର ଚମକିଲା, ଜମିଦାର ଘର ବାହଘର ଶଙ୍କର ବିଭା ହେଉଛି ।

Powered by Tekons
www.jatayu.org

# ଗଛ, ତୁ କାହିଁକି ମଲୁ?

କବି ରଘୁନାଥ ଦାସ

ପଟ୍ଟନାୟକ ଘର ବୁନିଆଦି ବଜାଇ ରଖିବାକୁ ହାତ ଖୋଲି ଖର୍ଚ୍ଚ କରୁଛନ୍ତି। ବିଭାଘର ପାଇଁ ଘରେ ଯେପରି ଆୟୋଜନ ହୋଇଛି ବାହାରକୁ ସେପରି ଆଡ଼ାଟାବି ରହିଛି । ରୋଷଣୀ ଆଉ ବାଣରେ ଆଖି ଖୁସି ହୋଇଯାଉଛି । ଗଲାଆଇଲା ଲୋକେ ପେଟପୂରା ଖାଇଯାଉଛନ୍ତି।

ବଡ଼ ପୁଅର ବିଭାଘର ।ପହିଲି ନିମିତ୍ତ,ଲୋକେ କଅଣ କହିବେ? ବନ୍ଧୁବାନ୍ଧବ, ସଙ୍ଗୀତମୈତ୍ର, କୋଠିଆବେଠିଆ ସମସ୍ତେ ଆସି ପଟ୍ଟନାୟକଙ୍କ ଘରେ ଠୁଳ ହୋଇଛନ୍ତି । ବାରିକ ଆସିଛି.ବାରିକାଣୀ ଆସିଛି, ତାର ତିନି ପୁଅ ବି ଆସିଛନ୍ତି ତା' ଆଗରୁ ପୁରୋହିତବି ଆସିଛି। ବାଡ଼ିଆଡ଼େ ମହାରାଣୀ ବସିଛି ତା' ସାଙ୍ଗରେ ଭାଉଜ ନଣନ୍ଦ କରି ଚାରି ଛଅ ଜଣକୁବି ଡାକି ଆଣିଛି ।

କାହାକୁ ଜୋଡ଼ , କାହାକୁ ଲୁଗା, କାହାକୁ ଶାଢ଼ୀ,କାହାକୁ ଖିରୀ ଖେଚେଡ଼ି , କାହାକୁ ପୁରି ମାଲପୁଆ ,କାହାକୁ ପିଠାପଣା। କିଏ ବା ଖାଲି ସରବତ ପିଉଛି।

"କିଲୋ ସାଆନ୍ତ ବାହାଘର, ତୁ ଶୋଇଛୁ କଅଣ? ତରାବୋଉ ପଚାରିଲା । "

"ମୋ ଦିହ ଭଲ ଲାଗୁନାହିଁ।"

"କେତେ ପିଠାପଣା ଖିରି କାକରା କିଏ କଅଣ ଖାଇଯାଉଛନ୍ତି। କିଏ କେତେ ବୋହି ଆଣୁଛନ୍ତି, ତୁ ଶୋଇଲୁ କଅଣ ମ?"

"ଖାଆନ୍ତୁ"

"ଯୋଉ ରୋଷଣୀ ଲୋ, ଆଖି ଦେଖିନଥିଲା। ଦେଖିବାକୁ ଯିବୁନାହିଁ?"

"ନାଇଁଲୋ" ତରା କଣ୍ଠରେ ବିରକ୍ତି ।

"କମି ବଡ଼ଲୋକ ଘରେ ସାଆନ୍ତଙ୍କ ଘର ବନ୍ଧୁ ବାନ୍ଧିଲେ !! ତା'ର ଷାଠିଏ ବାଟି ଜମି । ଦୁଇଶହ ଭରି ସୁନା ଦେଉଛି । କେତେକଅଣ ଦରବ ଦେଉଛି ମୋ ତୁଣ୍ଡ ନେଉଟୁ ନାହିଁ। ପୁଅ ପଢ଼ାକୁ ଏକା, ଝିଅ ଘର ମିଳିଲା ସିମିତି।"

"କାହିଁକି ବକର ବକର ହେଉଚୁ ମାଆ" ଅଧୈର୍ଯ୍ୟରେ ତରା କହିଲା ।

"ମୋ ପେଟ ଭାରି କାମୁଡୁଛି ତୁ ଯା,"।

www.jataayu.org

# ଗଛ, ତୁ କାହିଁକି ମଲୁ?

କବି ରଘୁନାଥ ଦାସ

ହୁକୁମ ଦାବଲ, **ହୁକୁମ ଦାବଲ, ଗଉଡ଼ର ଡାକ ଶୁଭିଲା, ବାଇଦ ବାଜି ଉଠିଲା, ଲୋକ ଧାଡ଼ି ବାନ୍ଧି ଚାଲିଲେ,** ଆକାଶ ନାଲି ନେଳି ଆଲୁଅରେ ଉଜ୍ଜ୍ୱଳ ହେଲା ପଦ୍ମ ପୋଖରୀ ତୁଠରେ ହିଞ୍ଜଳ ଗଛର ଆରପଟରେ ଛିଡ଼ା ହୋଇଥିବା ତରାର କାଳିଆ ଚମଡ଼ା ତଳେ ରକତ ଜୋର୍‌ରେ ଛୁଟିଲା, ଛାତି ଦପ୍ ଦପ୍ ଉଠିଲା ପଡ଼ିଲା, ପଡ଼ିଲା ଉଠିଲା। "କିଲୋ କାହିଁକି କାନ୍ଦୁଛୁ ? ଘରକୁ ଫେରି ଭୀମା ତରାକୁ ପଚାରିଲା । ତରା କୋହ ରୋକି ପାରିଲା ନାହିଁ ।

ତରାବୋଉ କହିଲା"ତା ପେଟ ଭାରି କାମୁଡୁଛି"।

ତାପର ଦିନ ତରା ତା ବୋଉ ଆଗରେ ପ୍ରସ୍ତାବ କଲା । "ଇସ୍ତିରୀଟା ଆମର କଅଣ ହେଉଚି? ବିକି ଦିଅନ୍ତେ କାହାକୁ? "

www.jataayu.org